**କେନ୍ଦୁଝର : ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ପବିତ୍ର ରଥଯାତ୍ରା ପାଇଁ ପ୍ରସ୍ତୁତିର ସମୀକ୍ଷା କଲେ ଜିଲ୍ଲାପାଳ ଓ ଏସ୍.ପି. : ଶୃଙ୍ଖଳିତ ଭାବେ ରଥଯାତ୍ରା ପାଳନ ଉପରେ ଗୁରୁତ୍ୱ : କୋଭିଡ୍ ସଂକ୍ରମଣ ପ୍ରତିହତ ପାଇଁ ମାସ୍କ ପିନ୍ଧିବାକୁ ନିବେଦନ**



କେନ୍ଦୁଝର, ତା ୨୮.୦୬.        କେନ୍ଦୁଝରର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ପବିତ୍ର ରଥଯାତ୍ରା ପାଇଁ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଆରକ୍ଷୀ ଅଧିକ୍ଷକ ମିତ୍ରଭାନୁ ମହାପାତ୍ର । ଚଳିତ ଜୁନ୍ ୨୮ ତାରିଖ ମଙ୍ଗଳବାର ଦିନ ଜିଲ୍ଲା କାର୍ଯ୍ୟାଳୟସ୍ଥ ମିନି କନ୍‌ଫରେନ୍ସ ହଲ୍ ଠାରେ ଜିଲ୍ଲାପାଳ ଏବଂ ଏସ୍.ପି. ବିଭିନ୍ନ ବିଭାଗର ପ୍ରସ୍ତୁତି କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରି ଶୃଙ୍ଖଳିତ ଭାବେ ରଥଯାତ୍ରା ପାଳନ ଉପରେ ଗୁରୁତ୍ୱାରୋପ କରିଛନ୍ତି । ବାକି ଥିବା ପ୍ରସ୍ତୁତି କାର୍ଯ୍ୟ ତୁରନ୍ତ ତା ୨୯.୦୬.୨୦୨୨ରିଖ ସୁଦ୍ଧା ଶେଷ କରିବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରଥଯାତ୍ରାରେ ବହୁଳ ସଂଖ୍ୟାରେ ଜନଗହଳି ସମ୍ଭାବନା ଦୃଷ୍ଟିରୁ କୋଭିଡ୍ ସଂକ୍ରମଣ ପ୍ରତିହତ କରିବା ପାଇଁ ସମସ୍ତେ ମୁହଁରେ ମାସ୍କ୍ ପରିଧାନ କରିବାକୁ ଜିଲ୍ଲାପାଳ ଓ ଏସ୍.ପି. ନିବେଦନ କରିଛନ୍ତି । ଉପଜିଲ୍ଲାପାଳ ତଥା ଦେବୋତର ଅଧିକାରୀ କେନ୍ଦୁଝର ରାମଚନ୍ଦ୍ର କିସ୍କୁ ରଥଯାତ୍ରା ପରିଚାଳନା ସଂପର୍କିତ ବିଭିନ୍ନ ପ୍ରସଙ୍ଗ ଏବଂ ଏ ସଂପର୍କିତ ପ୍ରସ୍ତୁତିର ସ୍ଥିତି ସଂପର୍କରେ ଅବଗତ କରାଇଥିଲେ । ରଥ ନିର୍ମାଣ, ରଥଟଣା, କର୍ଡନ ନିୟନ୍ତ୍ରଣ, ବଡଦାଣ୍ଡରେ ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ଓ ଆମ୍ବୁଲାନ୍ସ ବ୍ୟବସ୍ଥା, ବଡଦାଣ୍ଡ ଓ ପୁରୁଣା ସହରର ପରିମଳ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ୍ ବ୍ୟବସ୍ଥା ତଥା ଏହାର ସୁରକ୍ଷା ବ୍ୟବସ୍ଥା, ଉଠା ଦୋକାନମାନଙ୍କୁ ବିଦ୍ୟୁତ୍ ଯୋଗାଣ, ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବସ୍ଥା, ଆଲୋକ ବ୍ୟବସ୍ଥା, ବିଭିନ୍ନ ଆନୁସଙ୍ଗିକ କାର୍ଯ୍ୟରେ ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରିବା, ରଥର ନିରାପତା ଦୃଷ୍ଟିରୁ ରଥ ଉପରେ ସୀମିତି ସଂଖ୍ୟକ ସେବାୟତ ରହିବା ପ୍ରସଙ୍ଗ ଉପରେ ସଂପୃକ୍ତ ବିଭାଗ ତରଫରୁ ନିଆଯାଇଥିବା ପଦକ୍ଷେପ ଉପରେ ସମୀକ୍ଷା କରାଯାଇଥିଲା । ରଥର ଫିଟନେସ୍ ସାର୍ଟିଫିକେଟ୍ ପ୍ରଦାନ କରିବାକୁ ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ଓ ଗୃହ କେନ୍ଦୁଝରଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏସ୍.ଡି.ପି.ଓ. ପ୍ରକାଶ ଜେମ୍ସ ଟପୋ ଟ୍ରାଫିକ୍ ନିୟନ୍ତ୍ରଣ, ଦୁଇ ଚକିଆ ଓ ଚାରି ଚକିଆ ଯାନ ପାର୍କିଂ ବ୍ୟବସ୍ଥା ଏବଂ ଶାନ୍ତି ଶୃଙ୍ଖଳା ରକ୍ଷା ବ୍ୟବସ୍ଥା ପାଇଁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ଅବଗତ କରାଇଥିଲେ । ଜିଲ୍ଲାରେ ରଥଯାତ୍ରା ଦିନ ଏବଂ ବାହୁଡା ଯାତ୍ରା ଦିନ ମଦ ଦୋକାନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ରଥଯାତ୍ରା ଅବସରରେ ଆୟୋଜିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ସମାରୋହ, ସୂଚନା କେନ୍ଦ୍ର, ପ୍ରତ୍ୟକ୍ଷଦର୍ଶୀ ଧାରା ବିବରଣୀ ପ୍ରଦାନ, କେବୁଲ୍ ଟିଭି ଯୋଗେ

ରଥଯାତ୍ରାର ସିଧା ପ୍ରସାରଣ ଉପରେ ସମୀକ୍ଷା କରିଥିଲେ । ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ରଥଯାତ୍ରା, ବାହୁଡା ଯାତ୍ରା ଓ ସୁନାବେଶ ଫେସ୍‌ବୁକ୍ ଜରିଆରେ ସିଧା ପ୍ରସାରଣ କରାଯିବ । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ସଂପର୍କରେ ମଧ୍ଯ ଜିଲ୍ଲାପାଳ ଶ୍ରୀ ଠାକରେ ସମୀକ୍ଷା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ୍, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଯଦୁମଣି ମହଲା, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସନ୍ତୋଷ କୁମାର ବେହେରା, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ସୁଜାତାରାଣୀ ମିଶ୍ର, ଆଂଚଳିକ ପରିବହନ ଅଧିକାରୀ ନିର୍ମଳ କୁମାର ମହାନ୍ତି , କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡା ମଧୁସ୍ମିତା ସାମନ୍ତରାୟ, ତହସିଲଦାର କେନ୍ଦୁଝର ଆଶିଷ ମହାପାତ୍ର, ଟିପିଏନ୍‌ଓଡିଏଲ୍‌ର ନିର୍ବାହୀ ଯନ୍ତ୍ରୀ ବିରଂଚି ନାରାୟଣ ସାହୁ, ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ କେନ୍ଦୁଝର ସଂଜୀବ ବାରିକ, ଟାଉନ୍ ଥାନା ନିରୀକ୍ଷକ ପ୍ରମୋଦିନୀ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ, ଡି.ପି.ଏମ୍. ଏନ୍.ଏଚ୍.ଏମ୍. ନିତ୍ୟରଞ୍ଜନ ବରାଳ, ଡେପୁଟି କଲେକ୍ଟର ନିଜାରତ ଶିବବ୍ରତ ତ୍ରିପାଠୀ ପ୍ରମୁଖ ଉକ୍ତ ସମୀକ୍ଷା ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର